# India protests announcement of Elections in "Gilgit - Baltistan"

September 29, 2020

---

# "ଗିଲଗିଟ-ବାଲତିସ୍ତାନ"ରେ ନିର୍ବାଚନ ଘୋଷଣାକୁ ଭାରତର ବିରୋଧ

29 ସେପ୍ଟେମ୍ବର 2020

15 ନଭେମ୍ବର 2020 ରେ ଅନୁଷ୍ଠିତ ହେବାକୁ ଯାଉଥିବା ତଥାକଥିତ "ଗିଲଗିଟ-ବାଲତିସ୍ତାନ" ବିଧାନସଭା ନିର୍ବାଚନର ଘୋଷଣା ସମ୍ପର୍କିତ ରିପୋର୍ଟ ଆମର ଦୃଷ୍ଟିଗୋଚର ହୋଇଛି। ଭାରତ ସରକାର ପାକିସ୍ତାନ ସରକାରଙ୍କୁ ନିଜର ଦୃଢ଼ ବିରୋଧ ଜଣାଇଦେଇଛି ଏବଂ ଆଉଥରେ କହିଛି ଯେ, 1947 ମସିହାର ମିଶ୍ରଣ ଚୁକ୍ତି ଅନୁଯାୟୀ, ଜମ୍ମୁ ଓ କଶ୍ମୀର ଏବଂ ତଥାକଥିତ ଗିଲଗିଟ-ବାଲତିସ୍ତାନ ଅଞ୍ଚଳ ସମେତ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ ଭାରତର ଅବିଚ୍ଛେଦ୍ୟ ଅଙ୍ଗ। ବେଆଇନ ଓ ବଳପୂର୍ବକ ଭାବରେ ଅଧିକୃତ ଅଞ୍ଚଳଗୁଡ଼ିକ ଉପରେ ପାକିସ୍ତାନ ସରକାରଙ୍କର କୌଣସି ଆଇନଗତ ଅଧିକାର ନାହିଁ।

ଭାରତ ସରକାର ସାମ୍ପ୍ରତିକ କାର୍ଯ୍ୟକଳାପ, ଯେପରି ତଥାକଥିତ "ଗିଲଗିଟ-ବାଲତିସ୍ତାନ (ନିର୍ବାଚନ ଓ କାମଚଳା ସରକାର) ସଂଶୋଧନ ଆଦେଶ 2020" ଏବଂ ବେଇଆନ ଓ ବଳପୂର୍ବକ ଭାବରେ ଅଧିକୃତ ଅଞ୍ଚଳଗୁଡ଼ିକରେ ବାସ୍ତବ ପରିବର୍ତ୍ତନ କରିବା ପାଇଁ ପାକିସ୍ତାନ ପ୍ରତିଷ୍ଠାନର ନିରନ୍ତର ପ୍ରଚେଷ୍ଟାକୁ ମଧ ସମ୍ପୂର୍ଣ୍ଣ ଅଗ୍ରାହ୍ୟ କରୁଛନ୍ତି। ଏହିପରି କାର୍ଯ୍ୟକଳାପ ପାକିସ୍ତାନ ଦ୍ୱାରା ଜମ୍ମୁ ଓ କଶ୍ମୀର ଏବଂ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର କିଛି ଅଂଶକୁ ବେଆଇନ ଦଖଲ କିମ୍ବା ଗତ ସାତ ଦଶନ୍ଧି ଧରି ପାକିସ୍ତାନ ଅଧିକୃତ ଅଞ୍ଚଳରେ ବାସ କରୁଥିବା ଲୋକଙ୍କ ପ୍ରତି ଘଟୁଥିବା ଗମ୍ଭୀର ମାନବାଧିକାର ଉଲ୍ଲଂଘନ, ଶୋଷଣ ଓ ସ୍ୱାଧୀନତାର ପ୍ରତ୍ୟାଖ୍ୟାନକୁ ଲୁଚାଇ ପାରିବନାହିଁ। ଏଗୁଡ଼ିକ ନିଜର ବେଆଇନ ଅଧିକାରକୁ ଲୁଚାଇବା ଉଦ୍ଦେଶ୍ୟରେ ଏହାର ପ୍ରସାଧନିକ କାର୍ଯ୍ୟକଳାପ ମାତ୍ର। ଆମର ଦାବୀ, ପାକିସ୍ତାନ ତା'ର ବେଆଇନ ଅଧିକାରରେ ଥିବା ସମସ୍ତ ଅଞ୍ଚଳ ତୁରନ୍ତ ଖାଲି କରୁ।

**ନୂଆ ଦିଲ୍ଲୀ**
**29 ସେପ୍ଟେମ୍ବର 2020**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.